# NATIONAL NEWS BULLETIN (ODIA)

## 20th August' 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ସିଙ୍ଗାପୁରରେ ଆଜି ଅନୁଷ୍ଠିତ ହେବ ଭାରତ-ସିଙ୍ଗାପୁର ଚତୁର୍ଥ ମନ୍ତ୍ରୀସ୍ତରୀୟ ଗୋଲ୍‌ଟେବୁଲ୍ ବୈଠକ ।

- ତାମିଲନାଡୁର ମହାବଳୀପୁରମ୍‌ରେ ଦକ୍ଷିଣାଞ୍ଚଳ ଜୋନାଲ୍ ପରିଷଦ ବୈଠକରେ ଆଜି ଅଧ୍ୟକ୍ଷତା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ୨୦୩୦ ସୁଦ୍ଧା ଦେଶର ବିମାନଜନିତ ମାଲ୍ ପରିବହନ କ୍ଷମତା ୩ ଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର ।

- ବାଂଲାଦେଶ ରାଷ୍ଟ୍ରପତି ନିର୍ବାଚନ ଲାଗି ଆଜି ଅନୁଷ୍ଠିତ ହେବ ଭୋଟଗ୍ରହଣ ।

ଏବଂ

- ଏଫ୍.ଆଇ.ଏଚ୍. ହକି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟ୍‌ରେ ଭାରତୀୟ ପୁରୁଷ ହକିଦଳ ୫-୩ ଗୋଲ୍‌ରେ ପରାସ୍ତ କଲା ପାକିସ୍ତାନକୁ ।

— ଭାରତୀୟ ମହିଳା ଦଳ ଆଜି ସନ୍ଧ୍ୟାରେ ଭେଟିବ ଇଂଲଣ୍ଡକୁ ।

## ଇଣ୍ଡିଆ - ସିଙ୍ଗାପୁର

ଭାରତ-ସିଙ୍ଗାପୁର ଚତୁର୍ଥ ମନ୍ତ୍ରୀସ୍ତରୀୟ ଗୋଲ୍‌ଟେବୁଲ୍ ବୈଠକ ଆଜି ଅନୁଷ୍ଠିତ ହେବ । ସିଙ୍ଗାପୁରଠାରେ ଆୟୋଜିତ ଏହି ବୈଠକରେ ଭାରତ ପକ୍ଷରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ ଏବଂ ବାଣିଜ୍ୟ, ଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ସୂଚନା-ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ଯୋଗଦେବେ । ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ବିଭିନ୍ନ ନୂତନ ତଥା ସମ୍ଭାବ୍ୟ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ଅଧିକ ସମ୍ପ୍ରସାରିତ କରିବା ଦିଗରେ ଏହି ବୈଠକ ଅନେକ ଗୁରୁତ୍ୱ ବହନ କରେ । ଏହାର ପ୍ରଥମ ବୈଠକ ୨୦୨୨ ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବାବେଳେ ୨୦୨୪ ଅଗଷ୍ଟରେ ସିଙ୍ଗାପୁରରେ ଦ୍ୱିତୀୟ ବୈଠକ ଏବଂ ତୃତୀୟ ବୈଠକ ନୂଆଦିଲ୍ଲୀରେ ଗତବର୍ଷ ଅଗଷ୍ଟ ମାସରେ ଅନୁଷ୍ଠିତ ହୋଇଥିଲା । ବିନିର୍ମାଣ, ସଂଯୋଗୀକରଣ, ଡିଜିଟାଲାଇଜେସନ, ସ୍ୱାସ୍ଥ୍ୟସେବା ଓ ଔଷଧ, ଦକ୍ଷତା ବିକାଶ ଏବଂ ନିରନ୍ତରତା ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷୀୟ ସହଯୋଗକୁ

ଅଧିକ ସଶକ୍ତ କରିବା ଉପରେ ଗତ ବୈଠକଗୁଡ଼ିକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ଗତବର୍ଷ ସେପ୍ଟେମ୍ବରରେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍'ଙ୍କର ଭାରତ ଗସ୍ତ ସମୟରେ ଭାରତ-ସିଙ୍ଗାପୁର ସମନ୍ୱିତ ରଣନୈତିକ ଭାଗିଦାରୀର ରୂପରେଖ ଉନ୍ମୋଚିତ କରାଯାଇଥିଲା । ଆଜି ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ବୈଠକରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଦ୍ୱିପକ୍ଷୀୟ ସହଯୋଗ ତଥା ଭାଗିଦାରୀର ସମୀକ୍ଷା କରାଯିବା ସହିତ ଭାରତ-ସିଙ୍ଗାପୁର ସହଯୋଗକୁ ଅନ୍ୟାନ୍ୟ କ୍ଷେତ୍ରରେ ଅଧିକ ସଶକ୍ତ କରାଯିବା ଉପରେ ଆଲୋଚନା କରାଯିବ । ସେହିଭଳି ଭାରତ-ସିଙ୍ଗାପୁର ବ୍ୟାବସାୟିକ ଗୋଲ୍‌ଟେବୁଲ୍‌ର ଚତୁର୍ଥ ସଂସ୍କରଣରେ ଦୁଇଦେଶର ବ୍ୟାବସାୟିକ ନେତୃବୃନ୍ଦ ଯୋଗଦେଇ ବିଭିନ୍ନ ରଣନୈତିକ ଭାଗିଦାରୀ ଉପରେ ସୁଚିନ୍ତିତ ମତାମତ ବ୍ୟକ୍ତ କରିବେ । ଇତିମଧ୍ୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ଗତକାଲି ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଭିଭିଆନ୍ ବାଲକ୍ରିଷ୍ଣନ୍‌ଙ୍କ ସହିତ ଦୁଇଦେଶ ମଧ୍ୟରେ ଥିବା ସମନ୍ୱିତ ରଣନୈତିକ ଭାଗିଦାରୀକୁ ଅଧିକ ସୁଦୃଢ଼ କରାଯିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ପରେ ଡକ୍ଟର ଜୟଶଙ୍କର ଓ ଶ୍ରୀ ବାଲକ୍ରିଷ୍ଣନ୍ ମିଳିତ ଭାବେ ସିଙ୍ଗାପୁରଠାରେ ଭାରତୀୟ ଉଚ୍ଚାୟୁକ୍ତଙ୍କର ଏକ ନୂତନ ଚାନ୍‌ସେରୀ କମ୍ପ୍ଲେକ୍ସ ଲାଗି ଶିଳାନ୍ୟାସ କରିଛନ୍ତି । ଭାରତ-ସିଙ୍ଗାପୁର ସମନ୍ୱିତ ରଣନୈତିକ ଭାଗିଦାରୀର ଏକ ନୂତନ ଯୁଗର ଏହାଦ୍ୱାରା ଅୟମାରମ୍ଭ ହେବା ସହିତ ସେଠାରେ ବସବାସ କରୁଥିବା ଭାରତୀୟ

ସମ୍ପ୍ରଦାୟକଙ୍କ ଲାଗି ଉଦ୍ଦିଷ୍ଟ ସେବା ଅଧିକ ସଶକ୍ତ ହୋଇପାରିବ ବୋଲି ଡକ୍ଟର ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି ।

## ଅମିତ ଶାହା – ଟି.ଏନ୍. ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଆଜି ଦକ୍ଷିଣାଞ୍ଚଳ ଜୋନାଲ୍ ପରିଷଦ ବୈଠକ ତାମିଲନାଡୁର ମହାବଲୀପୁରମ୍‌ରେ ଅନୁଷ୍ଠିତ ହେବ । ଏହି ପରିଷଦରେ ତାମିଲନାଡୁ, କେରଳମ୍, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତେଲଙ୍ଗାନା ସମେତ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀ, ଆଣ୍ଡାମାନ ନିକୋବର ଦ୍ୱୀପାଞ୍ଚଳ ଏବଂ ଲାକ୍ଷାଦ୍ୱୀପ ସଦସ୍ୟ ଅଛନ୍ତି । ଆଜିର ଏହି ବୈଠକରେ ଦକ୍ଷିଣାଞ୍ଚଳର ଏହି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପ୍ରଶାସକଙ୍କ ସମେତ ପ୍ରତ୍ୟେକ ରାଜ୍ୟର ଦୁଇ ଜଣ ଲେଖାଏଁ ବରିଷ୍ଠ ମନ୍ତ୍ରୀ ଯୋଗଦେବେ ।

ଏ ସମ୍ପର୍କରେ ସୂଚନା ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି, ଜୋନାଲ୍ ପରିଷଦ ପକ୍ଷରୁ ସଦସ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ମୁଖ୍ୟ ଶାସନ ସଚିବମାନଙ୍କୁ ନେଇ ଏକ ଷ୍ଟାଣ୍ଡିଂ କମିଟି ଗଠନ କରାଯାଇଛି । ରାଜ୍ୟଗୁଡ଼ିକ ଦ୍ୱାରା ପ୍ରସ୍ତାବିତ ବିଭିନ୍ନ ପ୍ରସଙ୍ଗର ସମାଧାନ ଲାଗି ପ୍ରଥମେ ଏହି କମିଟିରେ ବିସ୍ତୃତ ଭାବେ ଆଲୋଚନା କରାଯିବ । ସଂଘୀୟ ସହଯୋଗ ବ୍ୟବସ୍ଥା

ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଟିମ୍ ଭାରତ ଦୃଷ୍ଟିକୋଣକୁ ସାକାର କରିବା ଉଦ୍ଦେଶ୍ୟରେ ଏହି ଜୋନାଲ୍ ପରିଷଦଗୁଡ଼ିକର ଅବଦାନ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ।

## ରାଜନାଥ-ଜାପାନ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀରେ ତାଙ୍କର ଜାପାନ ପ୍ରତିପକ୍ଷ ଶିଞ୍ଜିରୋ କୋଇଜୁମି'ଙ୍କ ସହିତ ଦ୍ୱିପକ୍ଷୀୟ ବୈଠକ କରିବେ । ଭାରତ-ଜାପାନ ପ୍ରତିରକ୍ଷା ସମ୍ପର୍କକୁ ଅଧିକ ସଶକ୍ତ କରିବା ସହିତ ରଣନୈତିକ ବିଶ୍ୱାସ ଓ ସହଯୋଗକୁ ସୁଦୃଢ଼ କରିବା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସ୍ଥିରତା ଓ ସୁରକ୍ଷା ବଜାୟ ରଖିବା ଆଦି ପ୍ରସଙ୍ଗ ଏହି ବୈଠକରେ ସ୍ଥାନ ପାଇବାର ଆଶା କରାଯାଉଛି । ଏତଦ୍‌ବ୍ୟତୀତ ଦୁଇଦେଶ ମଧ୍ୟରେ ସାମୁଦ୍ରିକ ସୁରକ୍ଷା ସହଯୋଗକୁ ଅଧିକ ସୁଦୃଢ଼ କରିବା, ମେକ୍ ଇନ୍ ଇଣ୍ଡିଆ ନୀତି ଅଧୀନରେ ପ୍ରତିରକ୍ଷା ଯନ୍ତ୍ରାଂଶ ଏବଂ ଜ୍ଞାନକୌଶଳ ସହଯୋଗକୁ ସଶକ୍ତ କରିବା ଉପରେ ମଧ୍ୟ ଏହି ଦୁଇ ନେତା ମତ ବିନିମୟ କରିବେ । ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଭାରତ-ଜାପନ ମଧ୍ୟରେ ଦୁଇପକ୍ଷୀୟ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗକୁ ଅଧିକ ସୁଦୃଢ଼ କରିବା ଦିଗରେ ରୂପରେଖ ପ୍ରସ୍ତୁତ କରିବାକୁ ଏହି ବୈଠକ ମାଧ୍ୟମରେ

ସୁଯୋଗ ସୃଷ୍ଟି ହେବ । ପ୍ରଥମ ଥର ଲାଗି ଭାରତ ଗସ୍ତରେ ଆସିଥିବା ଶ୍ରୀ କୋଇଜୁମି ଗତକାଲି ମୁମ୍ବାଇଠାରେ ପଶ୍ଚିମାଞ୍ଚଳ ନୌକମାଣ୍ଡ ପରିଦର୍ଶନ କରିଛନ୍ତି ।

## ଜିତେନ୍ଦ୍ର - ଆର୍.ଡି.ଆଇ ଫଣ୍ଡ

ଟିକସଦାତାଙ୍କ ଅର୍ଥ ଏବଂ ବ୍ୟକ୍ତିଗତ ପୁଞ୍ଜିକୁ ସୁରକ୍ଷା ଦେବା ଲାଗି ଦେଶର ଗବେଷଣା, ବିକାଶ ଏବଂ ନବସୃଜନ - ଆର୍.ଡି.ଆଇ. ପାଣ୍ଠିରେ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ବିଜ୍ଞାନ ସଚିବମାନଙ୍କର ମାସିକ ମିଳିତ ବୈଠକରେ ଅଧ୍ୟକ୍ଷତା କରି ଡକ୍ଟର ସିଂହ କହିଛନ୍ତି, ଆର୍.ଡି.ଆଇ. ପାଣ୍ଠିକୁ ୫୦ ପ୍ରତିଶତ ଅର୍ଥ ଘରୋଇ ଇକ୍ୱିଟି ସୂତ୍ରରୁ ଆସିବାର ଆଶା ରହିଥିବା ଦୃଷ୍ଟିରୁ ସରକାର ଏହାର ସୁରକ୍ଷା ଲାଗି ପଦକ୍ଷେପ ନେଇଛନ୍ତି । ଆର୍.ଡି.ଆଇ. ପାଣ୍ଠିକୁ ଅଧିକ ସମାବେଶୀ ଏବଂ ଉତ୍ତରଦାୟୀ କରିବା ଉଦ୍ଦେଶ୍ୟରେ ବିଭିନ୍ନ କ୍ଷେତ୍ରରେ ରଣନୈତିକ ପ୍ରଯୁକ୍ତିବିଦ୍ୟାର କାର୍ଯ୍ୟକାରିତା ଲାଗି ଆନ୍ତଃ ମନ୍ତ୍ରଣାଳୟସ୍ତରୀୟ ପରାମର୍ଶ ନିଆଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

# ନାଇଡୁ - ଏୟାର କାର୍ଗୋ

୨୦୩୦ ମସିହା ସୁଦ୍ଧା ଦେଶର ବିମାନଦ୍ୱାରା ମାଲ୍ ପରିବହନ କ୍ଷମତା ୩ ଗୁଣ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି । ଗତକାଲି ଦିଲ୍ଲୀ ବିମାନ ବନ୍ଦରରୁ ବାୟୁଯୋଗେ ମାଲ୍ ପରିବହନ ସଂଯୋଗୀକରଣର ସମ୍ପ୍ରସାରିତ ବ୍ୟବସ୍ଥାର ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ନାଇଡୁ କହିଛନ୍ତି, ବର୍ତ୍ତମାନ ଦେଶରେ ବାୟୁଯୋଗେ ମାଲ୍ ପରିବହନ କ୍ଷମତା ପ୍ରାୟ ୩ ଦଶମିକ ୫ ମିଲିୟନ୍ ମେଟ୍ରିକ୍ ଟନ୍ ରହିଛି । ଆଗାମୀ ୪ ବର୍ଷ ମଧ୍ୟରେ ଏହି ପରିମାଣ ଯେଭଳି ୧୦ ମିଲିୟନ ମେଟ୍ରିକ୍ ଟନ୍ ଅତିକ୍ରମ କରିବ, ସେ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ଘରୋଇ ଏବଂ ଆନ୍ତର୍ଜାତିକ ଲକ୍ଷ୍ୟସ୍ଥଳ ମଧ୍ୟରେ ମାଲ୍ ପରିବହନକୁ ବିଭିନ୍ନ ବିମାନ ବନ୍ଦର ଦେଇ ସୁଗମ କରିବା ହେଉଛି ଏହି ସଂସ୍କାରମୂଳକ ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ନାଇଡୁ କହିଛନ୍ତି । ସେ କହିଛନ୍ତି, ଲଣ୍ଡନ ଏବଂ କୋପେନହାଗେନ୍‌କୁ ବର୍ତ୍ତମାନ ଫ୍ରାଙ୍କ୍‌ଫର୍ଟ ଆନ୍ତର୍ଜାତିକ ନେଟ୍‌ୱାର୍କ ସହିତ ସଂଯୋଗ କରାଯିବ । ସେହିଭଳି ଘରୋଇ କ୍ଷେତ୍ରରେ ଚେନ୍ନାଇ-ଦିଲ୍ଲୀ ସଂଯୋଗୀକରଣକୁ ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ମୁମ୍ବାଇ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବ ବୋଲି ଶ୍ରୀ ନାଇଡୁ କହିଛନ୍ତି । ବାୟୁଯୋଗେ ତ୍ୱରିତ ମାଲ୍ ପରିବହନଦ୍ୱାରା ଦେଶର କୃଷକ ବିଶେଷକରି ସ୍ୱଳ୍ପ ସମୟରେ ନଷ୍ଟ

ହୋଇଯାଉଥିବା କୃଷିଜାତ ସାମଗ୍ରୀର ରପ୍ତାନୀକାରୀମାନେ ଉପକୃତ ହୋଇପାରିବେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କହିଛନ୍ତି ।

## ରିଜିଜୁ - ଅରୁଣାଚଳ ପ୍ରଦେଶ

ଚୀନ୍’ ଅରୁଣାଚଳ ପ୍ରଦେଶର ୬୦ କିଲୋମିଟର ମଧ୍ୟକୁ ପ୍ରବେଶ କରିଥିବା ଖବରକୁ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଅଗ୍ରାହ୍ୟ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କିତ ସୂଚନା ଦେଇ ଶ୍ରୀ ରିଜିଜୁ କହିଛନ୍ତି, ବାଂଲାଦେଶରୁ ବ୍ୟବହାର କରାଯାଇଥିବା ଏହି ଫଟୋ ଓ ଭିଡ଼ିଓ ସମ୍ପୂର୍ଣ୍ଣ ମିଥ୍ୟା । ଏଭଳି ଗୁଜବଦ୍ୱାରା ସୀମାବର୍ତ୍ତୀ ଅଞ୍ଚଳରେ ମୁତୟନ ରହିଥିବା ସଶସ୍ତ୍ର ସେନାଙ୍କ ମନୋବଳ ଦୁର୍ବଳ ହେବା ସହିତ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି କରିବାର ଆଶଙ୍କା ରହିଛି । ଭାରତ-ଚୀନ୍ ସୀମା ବିବାଦ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଏବଂ ଏଭଳି କ୍ଷେତ୍ରରେ ମିଥ୍ୟା କିମ୍ବା ଯାଞ୍ଚ୍ ନ କରି କୌଣସି ତଥ୍ୟ ପ୍ରଘଟ ନ କରିବା ଲାଗି ଶ୍ରୀ ରିଜିଜୁ ପରାମର୍ଶ ଦେଇଛନ୍ତି ।

***Voice (Rijiju)*** :.......

# ବାଂଲା ପ୍ରେଜ୍ ପୋଲିଂ

ବାଂଲାଦେଶରେ ଆଜି ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ । ଜାତୀୟ ସଂସଦ ପରିସରରେ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏଥିଲାଗି ଭୋଟ୍‌ଗ୍ରହଣ କରାଯିବ । ଶାସକ ବି.ଏନ୍.ପି.ର ପ୍ରମୁଖ ନେତା ମିର୍ଜା ଫାକ୍‌ରୁଲ୍ ଇସ୍‌ଲାମ୍ ଆଲାମ୍‌ଗିର୍ ଏବଂ ୧୧ଟି ବିରୋଧୀ ଦଳଙ୍କ ପକ୍ଷରୁ ମେଣ୍ଟ ପ୍ରାର୍ଥୀ କଲୋନେଲ୍ ଓଲି ଅହମ୍ମଦ ଏହି ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୩୫ ବର୍ଷ ପରେ ପ୍ରଥମ ଥର ଲାଗି ବାଂଲାଦେଶରେ ରାଷ୍ଟ୍ରପତି ନିର୍ବାଚନ ଲାଗି ଆଜି ଭୋଟ୍‌ଗ୍ରହଣ କରାଯିବ । ନବନିର୍ବାଚିତ ରାଷ୍ଟ୍ରପତି ଆସନ୍ତାକାଲି ବଙ୍ଗଭବନର ଦରବାର ହଲ୍‌ଠାରେ ଶପଥ ଗ୍ରହଣ କରିବେ । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କର ନିକଟତମ ବ୍ୟକ୍ତି ମହମ୍ମଦ ଶାହାବୁଦ୍ଦିନ୍ ସ୍ୱାସ୍ଥ୍ୟଗତ କାରଣରୁ ୫ ବର୍ଷ ପୂରଣ ହେବା ପୂର୍ବରୁ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା କାରଣରୁ ଆଜି ଏହି ନିର୍ବାଚନ ଅନୁଷ୍ଠିତ ହେଉଛି ।

# ଡିଫେନ୍ସ ସେକ୍ରେଟାରୀ

ବୈଦେଶିକ ସଚିବ ରାଜେଶ କୁମାର ସିଂହ ଦୁଇଦିନିଆ ଆର୍ମେନିଆ ଗସ୍ତ ଶେଷ କରିଛନ୍ତି । ଏହି ଗସ୍ତ ଅବସରରେ ସେ ଆର୍ମେନିଆର ଉପ-ପ୍ରତିରକ୍ଷା ମନ୍ତ୍ରୀ କାରେନ୍ ବ୍ରୁଟିୟାନ୍ ଏବଂ ପ୍ରଥମ ଉପ-ପ୍ରତିରକ୍ଷା ମନ୍ତ୍ରୀ ତଥା ସେନାମୁଖ୍ୟ ଏଡ୍‌ୱାର୍ଡ଼ ଆଶ୍ରିଆନ୍‌ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷୀୟ ବୈଠକ କରିଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଦୁଇଦେଶ ମଧ୍ୟରେ ଜାରି ରହିଥିବା ପ୍ରତିରକ୍ଷା ତଥା ସାମରିକ ବୈଷୟିକ ସହଯୋଗ କୌଶଳ, କ୍ଷମତା ନିର୍ମାଣ, ତାଲିମ, ପ୍ରତିରକ୍ଷା ଗବେଷଣା ଓ ବିକାଶର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି । ଏହି ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ନବସୃଜନ ଏବଂ ଗବେଷଣା କ୍ଷେତ୍ରକୁ ଅଧିକ ସମ୍ପ୍ରସାରିତ କରିବା ଉଦ୍ଦେଶ୍ୟରେ ଏକ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି । ଶ୍ରୀ ସିଂହ ଆର୍ମେନିଆର ପ୍ରତିରକ୍ଷା ମନ୍ତ୍ରୀ ସୁରେନ୍ ପାତିକିଆନ୍‌ଙ୍କ ସହିତ କରିଥିବା ଦ୍ୱିପକ୍ଷୀୟ ବୈଠକରେ ଭାରତ-ଆର୍ମେନିଆ ପ୍ରତିରକ୍ଷା ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ଦେଶ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି ।

# ହକି

ଏଫ୍.ଆଇ.ଏଚ୍. ହକି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ପୁଲ୍-ଡି'ରେ ଆଜି ଭାରତୀୟ ମହିଳା ଦଳ ଇଂଲଣ୍ଡକୁ ଭେଟିବ । ଏହି ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ସାଢ଼େ ୬ଟାରେ ଆମ୍‌ଷ୍ଟେଲ୍‌ଭିନ୍‌ର ୱାଗେନେର୍ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ ।

ଅନ୍ୟପକ୍ଷରେ ଭାରତୀୟ ପୁରୁଷ ହକି ଦଳ ଗତକାଲି ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ୫-୩ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଭାରତ ପକ୍ଷରୁ ହର୍‌ମନ୍ ପ୍ରୀତ ସିଂହ ଓ ହାର୍ଦ୍ଦିକ୍ ସିଂହ ୨ଟି ଲେଖାଏ ଏବଂ ଅଭିଷେକ ଗୋଟିଏ ଗୋଲ୍ ସ୍କୋର କରିଥିଲେ । ଏହି ପରାଜୟ ପରେ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି ।

*****